**ଗ୍ରାମୀଣ କୃଷି ମୌସୁମୀ ସେବା**

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ୃଫୈଷୟିକ ଫିଶ୍ୱଫିଦୟା□ୟ

ଭୁବନେଶ୍ୱର, ଓଡ଼ିଶା


# <u>କୃଷି ଉପଦେଶ ପ୍ରସାରିତ ସମାଚାର</u>

**ତାରିଖ : 30-01-2026**

**ଖୋର୍ଦ୍ଧା(ଓଡିଶା) - :2026-01-30 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-01-31 | 2026-02-01 | 2026-02-02 | 2026-02-03 | 2026-02-04 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 30.0 | 31.0 | 32.0 | 32.0 | 32.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 17.0 | 17.0 | 17.0 | 18.0 | 18.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 90 | 91 | 92 | 90 | 84 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 34 | 32 | 31 | 28 | 25 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 4 | 4 | 4 | 4 | 3 |
| ପବନର ଦିଗ (ଡିଗ୍ରୀ) | 301 | 292 | 265 | 297 | 304 |
| ମେଘାଚ୍ଛନ (ଅକ୍ଟା) | 4 | 5 | 4 | 2 | 2 |
| ସତର୍କବାଣୀ | କୁହୁଡ଼ି | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୩ – ୦୪ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୦ – ୩୨ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୭ – ୧୮ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ଆସନ୍ତାକାଲି ପାଇଁ ଘନ କୁହୁଡିର ସତର୍କତା ଚେତାବନୀ ରହିଛି ।

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| ନାହିଁ |

## ସାଧାରଣ ଉପଦେଶ:

| |
|---|
| □ ଧାନ ରେ ମୂଳ ସଢା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ Metalaxyl ଓ Mancozeb ମିଳିତ ଫିମ୍ପିନାଶକ କିମ୍ବା ୪୦୦-ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । □ ବର୍ତମାନ ଲାଗିଥିବା କୋବି ଜାତୀୟ ପନିପରିବା କୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜ ଠୁଙ୍ଗା ଦ୍ୱାରା ଘୋଡାଇ ରଖନ୍ତୁ । □ ବର୍ତମାନ ଶୁଖିଲା ପାଗ ରହୁଥିବାରୁ ଚାଷୀ ଭାଇ ମାନେ ଆବଶ୍ୟକ ଥିଲେ ଫସଲରେ ଜଳ ସେଚନର ବ୍ୟବସ୍ଥା କରନ୍ତୁ । □ ଯେଉଁ ଜମି ରେ ଜିଙ୍କ ର ଅଭାବ ଦେଖା ଦେଉଛି , ଜିଙ୍କ ସଲଫେଟ(୨୧%) କୁ ୧୦ କେଲୋଗ୍ରାମ/ଏକର ହିସାବରେ ପ୍ରୟୋଗ କରନ୍ତୁ। □ ପନିପରିବା ତଳି ଘେରାକୁ କମ ତାପମାତ୍ରା ରୁ ରକ୍ଷା କରିବା ପାଇଁ ନଡା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । □ ଆଖୁ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ଲଗାଇବାର 3 ଦିନ ମଧ୍ୟରେ ଏକର ପ୍ରତି ୮୦୦-ଗ୍ରାମ Atrazine ନାମକ ଘାସମରା ଔଷଧ କିମ୍ବା ୪୦୦-୫୦୦ ଗ୍ରାମ Metribuzin ନାମକ ଘାସମରା ଔଷଧ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । □ ବର୍ତମାନ ତାପମାତ୍ରା କମ ରହୁଥିବାରୁ କୁକୁଡା ଘରେ ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ କୁକୁଡା ଗୃହରେ ଇଲେକଟ୍ରିକ ବଲବ କିମ୍ବା ହିଟର ଲଗାନ୍ତୁ ଓ ପୋଲିଥିନ କିମ୍ବା ଖୋଟ ଅଖା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| □ ବର୍ତମାନ ଶୁଖିଲା ପାଗ ରହୁଥିବାରୁ ଚାଷୀ ଭାଇ ମାନେ ଆବଶ୍ୟକ ଥିଲେ ଫସଲରେ ଜଳ ସେଚନର ବ୍ୟବସ୍ଥା କରନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | □ କାଣ୍ଡବିନ୍ଧା ପୋକ ପ୍ରାରମ୍ଭିକ ଅବସ୍ଥାରେ କାଣ୍ଡବିନ୍ଧା ପୋକ ପ୍ରଜାପତି ଦେଖାଦେଲେ ଏହାର ପରିଚାଳନା ପାଇଁଏକର ପ୍ରତି ଗୋଟିଏ ଲେଖାଏଁ Trichogrammajaponicum କାର୍ଡ ପ୍ରତି ସପ୍ତାହ ଅନ୍ତେରରେ ୬ଥର ବ୍ୟବହାର କରନ୍ତୁ। କାର୍ଡଟିକୁ ନିର୍ଦ୍ଧାରିତ ସ୍ଥାନରେ ଖଣ୍ଡ ଖଣ୍ଡ କରି ୧୨ଟିସ୍ଥାନରେ ଲଗାନ୍ତୁ । ଏହା ସହ ଏକର ପ୍ରତି ୫ଟି pheromone trap ବ୍ୟବହାର କରନ୍ତୁ । ରସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୮କିଲୋଗ୍ରାମ Cartap hydrochloride ୪G କିମ୍ବା ୪ କିଲୋଗ୍ରାମ Chlorantraniliprole କିମ୍ବା ୬ କିଲୋଗ୍ରାମ Imidacloprid ନାମକ ଦାନାଦାର କୀଟନାଶକ, ସମାନ ଓଜନର ବାଲିସହ ମିଶାଇ ପ୍ରୟୋଗ କରନ୍ତୁ। |
| ବାଦାମ | □ କାଣ୍ଡ ପଚା ରୋଗ ପରିଚାଳନା ଚିନାବାଦାମ ଫସଲରେ କାଣ୍ଡ ପଚା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମି.ଲି Validamycin ନାମକ ଫିମ୍ପିନାଶକ କିମ୍ବା ୩୦୦- ଗ୍ରାମ Captan ଓ Hexaconazole ର ମିଶ୍ରିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ମାଟିକୁ ଭଲ ଭାବରେ ଭିଜାନ୍ତୁ । |
| ବିରି | □ ପାଉଁଶିଆ ରୋଗ ମୁଗ ଓ ବିରି ଫସଲରେ ପାଉଁଶିଆ ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୮୦୦ ଗ୍ରାମ Sulphur ନାମକ ଫିମ୍ପିନାଶକ କିମ୍ବା ୩୦୦ ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Propiconazole ନାମକ ଫିମ୍ପିନାଶକ କିମ୍ବା ୧୦୦ - ମିଲି Penconazole ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ସୋରିଷ | □ ବର୍ତମାନ ସମୟରେ ସୋରିଷ ଫସଲରେ ଜଉ ପୋକ ବା ବିଚିତ୍ର ବଗ ଲାଗିବାର ସମ୍ଭାବନା ରହିଛି। ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ରସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxamକିମ୍ବା ୫୦ ଗ୍ରାମ Acetamipridକିମ୍ବା ୬୦ ମିଲି Imidachlopridନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଆଳୁ | □ ଆଳୁ ଫସଲରେ ସଆଳ ପତ୍ର ପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb କିମ୍ବା ୪୦୦ ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକ,୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆଳୁ ଫସଲରେ ଉଛୁର ପତ୍ର ପୋଡା ରୋଗ ରେ ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Metalaxyl ଆଉ Mancozeb ର ମିଳିତ ଫିମ୍ପିନାଶକ,୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଟମାଟର | □ ଟମାଟୋ ଫସଲରେ ଫଳ ବିନ୍ଧା ପୋକ ର ଆକ୍ରମଣ ଦେଖାଦେଲେ ଏହାର ପରିଚାଳନା ପାଇଁ ପ୍ରଥମେ ଜମି ରୁ ଆକ୍ରାନ୍ତ ଫଳ ଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ। ଏହି କୀଟର ପରିଚାଳନ ପାଇଁ ଏକର ପ୍ରତି Helilure ଥିବା ସଙ୍ଗ ଆକର୍ଷକ ଯନ୍ତା ରୁ ୨୦ ଟି ରଖନ୍ତୁ। ପ୍ରାଥମିକ ଅବସ୍ଥା ରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ 200 ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । ଟମାଟୋ ଫସଲରେ ଯଦି, ଶତକଡା 10 ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ। ଏହି ପୋକ ର ରାସାୟନିକ ଉପାୟ ରେ ପରିଚାଳନା ପାଇଁ ଏକର ପ୍ରତି 80 ମିଲି chlorantraniliprole ନାମକ କୀଟନାଶକ ଯାହାକି coragen ବା cover ନାମରେ ମିଳୁଛି କିମ୍ବା 40 ମିଲି Flubendiamide ନାମକ କୀଟନାଶକ ଯାହାକି ଫେମ ବା ରୁଦ୍ର ନାମରେ ମିଳୁଛି କିମ୍ବା 100 ମିଲି indoxacarb ନାମକ କୀଟନାଶକ ଯାହାକି Avaunt ବା Lashkar ନାମରେ ମିଳୁଛି, 200 ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। |
| ପିଆଜ | □ ପତ୍ର ଉକୁଣୀ ପୋକ ପ୍ରାଥମିକ ଅବସ୍ଥାରେ ପତ୍ର ଉକୁଣୀ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମି.ଲି. ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପତ୍ର ଉକୁଣି ପୋକର ରାସାୟନିକ ଉପାୟ ରେ ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ପିଆଜ ଗଛର ପତ୍ର ସିଧା ଓ ଅଧିକ ଚିକ୍କଣ ହୋଇଥିବା ରୁ ଔଷଧ ସିଂଚନ କଲାପରେ ତଳକୁ ଖସି ଆସେ ତେଣୁ କୀଟନାଶକ ସହ sticker କିମ୍ବା spreader ମିଶାଇ ସିଂଚନ କରନ୍ତୁ । |
| ବନ୍ଧାକୋବି | □ ଅଲ୍ଟରନେରିଆ ପତ୍ରଦାଗ ରୋଗ ବର୍ତମାନ ସମୟରେ ପାଗ ଯୋଗୁଁ କୋବି ଜାତୀୟ ଫସଲ ରେ ଅଲ୍ଟରନେରିଆ ପତ୍ରଦାଗ ରୋଗ ଦେଖା ଦେବାର ସମ୍ଭାବନା ରହିଛି । ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦-ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୪୦୦-ଗ୍ରାମ carbendazim ଓ Mancozeb ର ମିଳିତ ଫିମ୍ପିନାଶକ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଆମ୍ବ | □ ଆମ୍ବ ଡାହାଣୀ ପୋକ ବର୍ତମାନ ସମୟରେ ମେଘୁଆ ଓ ଘନ କୁହୁଡି ପାଗ ଯୋଗୁଁ ଆମ୍ବ ଗଛରେ ଆମ୍ବ ଡାହାଣୀ ପୋକ ଲାଗିବାର ସମ୍ଭାବନା ରହିଛି । ଆମ୍ବ ଡାହାଣୀ ପୋକର ପରିଚାଳନା ପାଇଁ ଆମ୍ବ ଗଛରେ ବଉଳ ଆରମ୍ଭ ହେବା ସମୟରେ ପ୍ରତି ୧୫- ଲିଟର ପାଣି ରେ ୫-ମିଲି Imidacloprid ନାମକ କୀଟନାଶକ କିମ୍ବା ୩- ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୪-ଗ୍ରାମ Acetamiprid ନାମକ କୀଟନାଶକ ମିଶାଇ ସିଂଚନ କରନ୍ତୁ । କୀଟନାଶକ କୁ ବଉଳ ଆସିବା ପୂର୍ବ ରୁ ଥରେ ଏବଂ ଦୁଇ ସପ୍ତାହ ପରେ ଆଉଥରେ ସିଂଚନ କରନ୍ତୁ । ଏହା ଛଡା ଆମ୍ବ ବଗିଚା ର ଝଡା ପତ୍ର ସବୁ ସଂଗ୍ରହ କରି କୁହୁଡିଆ ବା ମେଘୁଆ ପାଗରେ ଆମ୍ବ ଗଛ ମୂଳରେ ଧୂଆଁ ଦେଲେ ଆମ୍ବ ଡାହାଣୀ ସଂଖ୍ୟା ଗଛରେ କମିଯାଏ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଇଣ୍ଡିଆନ ମଜର କାର୍ପ | □ ବର୍ତମାନ ପୋଖରେ ଉପର ସ୍ତର ଜଳର ତାପମାତ୍ରା ତଳ ସ୍ତର ଅପେକ୍ଷା ଥଣ୍ଡା ରହୁଥିବାରୁ ମାଛ ମାନେ ତଳ ସ୍ତରରେ ରହିବାକୁ ପସନ୍ଦ କରନ୍ତି । ତେଣୁ ଜଳର ଗଭୀରତାକୁ ୬ଫୁଟ ପର୍ଯ୍ୟନ୍ତ ରଖିବା ଉଚିତ୍, ଯାହା ଦ୍ୱାରା ଏହା ଉଷ୍ମ ତଳ ସ୍ତରରେ ହାଇବରନେଟ୍ ପାଇଁ ପର୍ଯ୍ୟାପ୍ତ ସ୍ଥାନ ପାଇବ । |

**ଆବହାୱିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):**

| |
|---|
| ନାହିଁ |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**